# ତହସିଲଦାର ଙ୍କ କାର୍ଯ୍ୟାଳୟ, ଗୁଡାରି, ଜିଲ୍ଲା: ରାୟଗଡା

Email: tah.gud-od@nic.in

## ଲଘୁ ଖଣିଜ ଉତ୍ସ ର ଦୀର୍ଘ ମିଆଦି ଲିଜ ନିମନ୍ତେ ନିଲାମ ବିଜ୍ଞାପନ

ବିଜ୍ଞପ୍ତି ସଂଖ୍ୟା : ୧୫୩୫ ତାରିଖ: ୦୬/୦୯/୨୦୨୦

ଏତଦ ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ, ଓଡିଶା ସରକାର ଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଗୁଡାରି ତହସିଲ ଅନ୍ତର୍ଗତ (Annexure – I) ଉଲ୍ଲେଖ ଥିବା ସଏରାତ ଉତ୍ସ ( ଲଘୁ ଖଣିଜ ଦ୍ରବ୍ୟ ) ଗୁଡିକୁ ପାଞ୍ଚ ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରା ଯାଉଅଛି । ଇଚ୍ଛୁକ ବ୍ୟକ୍ତି / ଅନୁଷ୍ଠାନ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ ୨୦୧୬ ପ୍ରକାର ରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ପୂରଣ କରି, ଏହାର ୩ କିତା ନକଲ ସହ ଆବଶ୍ୟକ ଦସ୍ତାବିଜ ସଂଲଗ୍ନ କରି ଜଉ ମୁଦ ଲଫାଫା (Sealed Cover) ରେ ତହସିଲଦାର, ଗୁଡାରି ଙ୍କ କାର୍ଯ୍ୟାଳୟ କୁ ରେଜିଷ୍ଟ୍ରି ଡାକ ଯୋଗେ ନିର୍ଦ୍ଧାରିତ ନିଲାମ ତାରିଖ ର ପୂର୍ବ ଦିନ ଅପରାହ୍ନ ୫.୦୦ ଘଣ୍ଟିକା ସୁଦ୍ଧା ହସ୍ତଗତ ହେବା ଦରକାର । ପ୍ରତ୍ୟେକ ନିଲାମ ତାରିଖ ର ପୂର୍ବ ଦିନ ଅପରାହ୍ନ ୫.୦୦ ଘଣ୍ଟିକା ସୁଦ୍ଧା ହସ୍ତଗତ ହୋଇଥିବା ଦରଖାସ୍ତ ଗୁଡିକୁ ପରବର୍ତ୍ତୀ ନିର୍ଦ୍ଧାରିତ ନିଲାମ ତାରିଖ ରେ ବିଚାର କୁ ନିଆଯିବ, ଉକ୍ତ ସମୟ ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାର କୁ ନିଆ ଯିବ ନାହି । ଲଫାଫା ଉପରେ ସୈରାତ ଉତ୍ସ ର ନାମ ଲେଖା ଥିବା ଆବଶ୍ୟକ । ପ୍ରଥମ ଦଫା ତା: ୨୨/୦୯/୨୦୨୦ ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟ ରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ପ୍ରତିନିଧି ଙ୍କ ଉପସ୍ଥିତି ରେ ପ୍ରଥମ ଦଫା ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ତହସିଲଦାର ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ତନଖି କରାଯାଇ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ଉପୋରକ୍ତ ପ୍ରଥମ ନିର୍ଦ୍ଧାରିତ ତାରିଖ ରେ ଯେଉଁ ସଏରାତ ଉତ୍ସ ଗୁଡିକ ବୈଧ ଦରଖାସ୍ତ ଅଭାବ ରୁ ସ୍ଥିରୀକୃତ ହୋଇ ନପାରିବ, ପୁନଶ୍ଚ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଯଥା ଦ୍ୱିତୀୟ ପର୍ଯ୍ୟାୟ ତା: ୦୬/୧୦/୨୦୨୦ ରିଖ ଓ ତୃତୀୟ ପର୍ଯ୍ୟାୟ ତା: ୧୬/୧୦/୨୦୨୦ ରିଖ ପୂର୍ବାହ୍ନ ୧୧.୩୦ ଘଟିକା ରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ଏହି ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ତହସିଲ କାର୍ଯ୍ୟାଳୟ, ଗୁଡାରି ରେ ସମସ୍ତ କାର୍ଯ୍ୟ ଦିବସ ମାନଙ୍କ ରେ ଏବଂ ରାୟଗଡା ଜିଲ୍ଲା website : https\\www.rayagada.nic.in ରେ ଉପଲବ୍ଧ ଅଟେ । ଏହା ବ୍ୟତୀତ ଏଥି ସମ୍ବନ୍ଧୀୟ ସମସ୍ତ ବିବରଣୀ ଓ ନିଯମାବଳୀ, ତହସିଲ କାର୍ଯ୍ୟାଳୟ ର ବିଜ୍ଞାପନ ଫଳକ ଏବଂ ତହସିଲ କାର୍ଯ୍ୟାଳୟ ରେ ଯେ କୌଣସି କାର୍ଯ୍ୟ ଦିବସ ରେ ଉପଲବ୍ଧ ଅଟେ । ପ୍ରକାଶ ଥାଉ କି, କୌଣସି କାରଣ ନ ଦର୍ଶାଇ ନିଲାମ କୁ ସ୍ଥଗିତ / ରଦ୍ଦ କରିବା ର କ୍ଷମତା , କ୍ଷମତା ପ୍ରାପ୍ତ ଅଧିକାରୀ ତଥା ଜିଲ୍ଲାପାଳ, ରାୟଗଡା ମହୋଦୟ ଙ୍କ ରହି ଅଛି । ଆବେଦନକାରୀ, OMMC Rules 2016 ତଥା ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ର ସମସ୍ତ ସଂଶୋଧିତ ନିଯମାବଳୀ ର ଏବଂ Manual of Tahasil Accounts ର ପରିସର ଭୁକ୍ତ ରହିବେ । ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ର ରହିଛି ।